[2009] 6 S.C.R. 880

ସୁରେନ୍ଦ୍ର ସିଂହ ବେନିୱାଲ

ବନାମ

ହୁକୁମ ସିଂହ ଏବଂ ଅନ୍ୟମାନେ

(ଦେୱାନୀ ଅପିଲ ସଂଖ୍ୟା-2766/2009)

23 ଏପ୍ରିଲ, 2009

**[ମାର୍କଣ୍ଡେ କାଟଯୁ ଏବଂ ଏଚ୍.ଏଲ୍.ଦତ୍ତୁ, ନ୍ୟାୟାମୂର୍ତ୍ତିଦ୍ୱୟ]**

*ଉତ୍ତର ପ୍ରଦେଶ ମଧ୍ୟବର୍ତ୍ତୀ ଶିକ୍ଷା ଅଧିନିୟମ, 1921 ଅଧୀନରେ ଗଠିତ ବିନିୟମାବଳୀ :*

*ଧାରା-61(2)(b)- ସ୍ଥାନାନ୍ତରିତ ଶିକ୍ଷକଙ୍କ ବରିଷ୍ଠତା – ନିର୍ଣ୍ଣୟ ହେଲା : ଜଣେ ଶିକ୍ଷକ, ନିଜ ଅନୁରୋଧରେ ବଦଳି ହେଲେ, ସ୍ଥାନାନ୍ତରିତ ଅନୁଷ୍ଠାନରେ ସମାନ କ୍ୟାଡରରେ କାର୍ଯ୍ୟରତ ଶିକ୍ଷକଙ୍କ ବରିଷ୍ଠତା ତାଲିକାର ତଳେ ରଖାଯିବ - ସ୍ୱେଚ୍ଛାକୃତ ସ୍ଥାନାନ୍ତର ପାଇଁ ଆବେଦନ କରିଥିବା ସମ୍ପୃକ୍ତ ଶିକ୍ଷକଙ୍କୁ ସ୍ଥାନାନ୍ତରିତ କଲେଜର ବରିଷ୍ଠତା ତାଲିକାରେ ଯଥାର୍ଥ ଭାବରେ ତଳେ ରଖାଯାଇଥିଲା - ହାଇକୋର୍ଟଙ୍କ ରାୟ ଖାରଜ - ସମ୍ପୃକ୍ତ ଶିକ୍ଷକଙ୍କ ଆଜ୍ଞାଦେଶ ଆବେଦନ ଖାରଜ।*

ଦେୱାନୀ ଅପିଲ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା. 2766/2009 ।

ବିଶେଷ ଅପିଲ ସଂଖ୍ୟା- 19/2007 ରେ ନୈନିତାଲ ସ୍ଥିତ ଉତ୍ତରାଖଣ୍ଡ ଉଚ୍ଚ ନ୍ୟାୟାଳୟଙ୍କର ତା20.06.2007ରିଖର ରାୟ ଏବଂ ଆଦେଶରୁ ଉତ୍ପନ୍ନ ।

ଅପିଲକାରୀମାନଙ୍କ ପାଇଁ ରାଜିବ ଧୱନ, ଦିନେଶ କୁମାର ଗର୍ଗ ଏବଂ ଏମ୍.ଏ.ଖାନ ।

ଉତ୍ତରଦାତାମାନଙ୍କ ପାଇଁ ଦେବ ପ୍ରସାଦ ମୁଖର୍ଜୀ, ସୁନିଲ କୁମାର ସିଂହ (ଜତିନ୍ଦର କୁମାର ଭାଟିଆଙ୍କ ପାଇଁ) ଏବଂ ଅମିତ କୁମାର ।

ନ୍ୟାୟାଳୟଙ୍କର ନିମ୍ନ ରାୟ ପ୍ରଦାନ କରାଯାଇଥିଲା:

## ଆଦେଶ

1. ଅନୁମତି ଦିଆଗଲା ।

1-A. ଏହି ଅପିଲ ତା26.06.2000ରିଖରେ ଉତ୍ତରାଖଣ୍ଡ ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠଙ୍କ ଦ୍ୱାରା ଦିଆଯାଇଥିବା ଆକ୍ଷେପିତ ରାୟ ବିରୁଦ୍ଧରେ ନିର୍ଦ୍ଦେଶିତ, ଯାହା ମାଧ୍ୟମରେ ଖଣ୍ଡପୀଠ ଅପିଲକାରୀଙ୍କ ଦ୍ୱାରା ଦାଖଲ

ସମୀକ୍ଷା ଆବେଦନକୁ ଖାରଜ କରିଥିବା ବିଜ୍ଞ ଏକକ ବିଚାରପତିଙ୍କ ରାୟ ବିରୁଦ୍ଧରେ ଅପିଲକାରୀଙ୍କ ଦ୍ୱାରା ଦାଖଲ ସ୍ୱତନ୍ତ୍ର ଆବେଦନକୁ ଖାରଜ କରିଦେଇଥିଲା ।

2. ମାମଲାର ସଂକ୍ଷିପ୍ତ ତଥ୍ୟଗୁଡ଼ିକ ଅଟେ ଯେ, ଉତ୍ତରଦାତା ସଂଖ୍ୟା- 1ଙ୍କୁ 15.1.1981ରେ ମୁଜଫରନଗର ଜିଲ୍ଲାର ଈଶ୍ୱରତୀଲ ମୁରଲୀ ମନୋହର ଆନ୍ତଃ-ମହାବିଦ୍ୟାଳୟରେ ଇଂରାଜୀରେ ଅଧ୍ୟାପକ ଭାବରେ ନିଯୁକ୍ତି ଦିଆଯାଇଥିଲା । ଏହା ପରେ, ଉତ୍ତରଦାତା ସଂଖ୍ୟା-1ଙ୍କୁ ତାଙ୍କ ନିଜ ଅନୁରୋଧରେ 21.7.1997ରେ ମୁରଲୀ ମନୋହର ଆନ୍ତଃ-ମହାବିଦ୍ୟାଳୟରୁ ପନ୍ନା ଲାଲ ଭଲ୍ଲା ପୌର ଆନ୍ତଃ-ମହାବିଦ୍ୟାଳୟ, ହରିଦ୍ୱାରକୁ ସ୍ଥାନାନ୍ତର କରାଯାଇଥିଲା । ସେବେଠାରୁ ଉତ୍ତରଦାତା ସଂଖ୍ୟା- 1 ଉକ୍ତ ପ୍ରତିଷ୍ଠାନରେ ଇଂରାଜୀରେ ଅଧ୍ୟାପକ ଭାବରେ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ଅପିଲକାରୀଙ୍କୁ 6.11.1989 ରେ ପନ୍ନା ଲାଲ ଭଲ୍ଲା ପୌର ଆନ୍ତଃ-ମହାବିଦ୍ୟାଳୟରେ ଅଧ୍ୟାପକ ଭାବରେ ପଦୋନ୍ନତି ଦିଆଯାଇଥିଲା । ସମ୍ପୃକ୍ତ କର୍ତ୍ତୃପକ୍ଷ 26.12.2000 ରେ ବରିଷ୍ଠତା ତାଲିକା ଜାରି କରିଥିଲେ, ଯେଉଁଥିରେ ଉତ୍ତରଦାତା ସଂଖ୍ୟା-1ଙ୍କ ଇଂରାଜୀରେ ଅଧ୍ୟାପକ ଭାବରେ ନିଯୁକ୍ତି 15.1.1981 ଠାରୁ ଦର୍ଶାଯାଇଥିଲା ଯେତେବେଳେ ଅପିଲକାରୀଙ୍କ ବରିଷ୍ଠତା 6.11.1989 ଦର୍ଶାଯାଇଥିଲା । ଜିଲ୍ଲା ବିଦ୍ୟାଳୟ ନିରୀକ୍ଷକଙ୍କ ଅନୁମୋଦନ ପରେ ବରିଷ୍ଠତା ତାଲିକା ଜାରି କରାଯାଇଥିଲା । ଅପିଲକାରୀଙ୍କୁ 1.7.2001 ରେ ପ୍ରଧାନଶିକ୍ଷକ ପଦବୀକୁ କାମଚଳା ପଦୋନ୍ନତି ଦିଆଯାଇଥିଲା ।

3. ଉତ୍ତରଦାତା ସଂଖ୍ୟା-1 ତାଙ୍କ ବରିଷ୍ଠତା ସମ୍ପର୍କରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଏକ ପ୍ରତିନିବେଦନ କରିଥିଲେ ଏବଂ ଦାବି କରିଥିଲେ ଯେ, ତାଙ୍କୁ ଅଧ୍ୟାପକ ଭାବରେ ତାଙ୍କର ବରିଷ୍ଠତା ଆଧାରରେ ବରିଷ୍ଠତା ତାଲିକାରେ କ୍ରମିକ ସଂଖ୍ୟା-1 ରେ ରଖାଯିବା ଉଚିତ କାରଣ ଉତ୍ତରଦାତା ସଂଖ୍ୟା-1 ଅପିଲକାରୀଙ୍କ ଠାରୁ ବହୁତ ବରିଷ୍ଠ ଥିଲେ, କିନ୍ତୁ କୌଣସି ସୁବିଧା ମିଳିଲା ନାହିଁ ।

4. ବରିଷ୍ଠତା ତାଲିକାରେ ବ୍ୟଥିତ ଅନୁଭବ କରି, ଉତ୍ତରଦାତା ସଂଖ୍ୟା-1 ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ । ବିଜ୍ଞ ଏକକ ବିଚାରପତି ତା8.12.200ରିଖର ଆଦେଶ ଦ୍ୱାରା ଆଜ୍ଞାଦେଶ ଆବେଦନକୁ ଅନୁମତି  ଦେଇଥିଲେ ।

5. ବିଜ୍ଞ ଏକକ ବିଚାରପତିଙ୍କ ଆଦେଶରେ ବ୍ୟଥିତ ହୋଇ, ସେ ଅପିଲକାରୀ ଏକ ସମୀକ୍ଷା ଆବେଦନ ଦାଖଲ କରିଥିଲେ ଯାହା 23.2.2007 ତାରିଖର ଆଦେଶ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା ।

6. ସମୀକ୍ଷା ଆବେଦନ ଖାରଜ ବିରୁଦ୍ଧରେ, ଅପିଲକାରୀ ଉଚ୍ଚ ନ୍ୟାୟାଳୟରେ ଏକ ବିଶେଷ ଅପିଲ ଦାଖଲ କରିଥିଲେ ଯାହା ମଧ୍ୟ 20.6.2007 ରେ ଖାରଜ ହୋଇଯାଇଥିଲା । ତେବେ, ବିଶେଷ ଅନୁମତି ଦ୍ୱାରା ବର୍ତ୍ତମାନର ଅପିଲ ଅଟେ ।

7. ଆମେ ପକ୍ଷମାନଙ୍କ ପାଇଁ ଉପସ୍ଥିତ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ଏବଂ ନଥିକୁ ଅନୁଧ୍ୟାନ କରିଛୁ ।

8. ଏହି ମାମଲାରେ ଜଡ଼ିତ ସଂକ୍ଷିପ୍ତ ପ୍ରଶ୍ନ ହେଉଛି ୟୁ.ପି. ମଧ୍ୟବର୍ତ୍ତୀ ଶିକ୍ଷା ଅଧିନିୟମ, 1921 ଅଧୀନରେ ଗଠିତ ବିନିୟମାବଳୀର ନିୟମ- 61(2) ର ବ୍ୟାଖ୍ୟା ବିଷୟରେ ଯାହା ନିମ୍ନଲିଖିତ ଭାବରେ ପଢ଼ାଯାଏ:

"61(2): ଏହି ଅଧ୍ୟାୟ ଅନୁଯାୟୀ ଜଣେ ଶିକ୍ଷକ ବଦଳି ହୋଇଥିବାରୁ -

(a) ଅନୁଯାୟୀ ଜଣେ ଶିକ୍ଷକଙ୍କୁ ସ୍ଥାନାନ୍ତର କରାଯିବା ପରେ ସେ ସେହି ଅନୁଷ୍ଠାନର ଶିକ୍ଷକ ହେବେ ଯେଉଁଠାକୁ ତାଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ଆଇନଗତ ଭାବରେ ପରିବର୍ତ୍ତନ ନହେଲେ ତାଙ୍କର ଦରମା ଏବଂ ସେବା ସର୍ତ୍ତ ସମାନ ରହିବ।

(b) ଅନୁଷ୍ଠାନରେ ସମାନ କ୍ୟାଡର ଏବଂ ବର୍ଗରେ କାର୍ଯ୍ୟରତ ଶିକ୍ଷକଙ୍କ ବରିଷ୍ଠତା ତାଲିକାର ତଳେ ସ୍ଥାନିତ ହେବ।

(c) ଉପ-ଖଣ୍ଡ(b) ର ବ୍ୟବସ୍ଥାଗୁଡ଼ିକ ପାଳନ କରି ଯେଉଁ ଅନୁଷ୍ଠାନରୁ ଶିକ୍ଷକଙ୍କୁ ସ୍ଥାନାନ୍ତର କରାଯାଇଛି, ସେହି ଅନୁଷ୍ଠାନରେ ସ୍ଥାନାନ୍ତର ପୂର୍ବରୁ ପ୍ରଦାନ କରାଯାଇଥିବା ସେବାକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିବା ଅନୁଷ୍ଠାନରେ ପ୍ରଦାନ କରାଯାଇଥିବା ସେବା ଭାବରେ ବିବେଚନା କରାଯିବ ।"

9. ଉପରୋକ୍ତ ନିୟମର ଖଣ୍ଡ(b) ଅନୁଶୀଳନ କଲେ ଦେଖାଯାଏ ଯେ, ଯଦି ଜଣେ ଶିକ୍ଷକ ଗୋଟିଏ ଶିକ୍ଷାନୁଷ୍ଠାନରୁ ଅନ୍ୟ ଏକ ଶିକ୍ଷାନୁଷ୍ଠାନକୁ ସ୍ୱେଚ୍ଛାକୃତ ସ୍ଥାନାନ୍ତର କରନ୍ତି, ତେବେ ସ୍ଥାନାନ୍ତରିତ ଶିକ୍ଷକଙ୍କୁ ସ୍ଥାନାନ୍ତରିତ ଅନୁଷ୍ଠାନରେ ସମାନ କ୍ୟାଡର ଏବଂ ବର୍ଗରେ କାର୍ଯ୍ୟରତ ଶିକ୍ଷକଙ୍କ ବରିଷ୍ଠତା ତାଲିକାର ତଳେ ରଖାଯିବ । ଖଣ୍ଡ (c) ସମ୍ପର୍କରେ, ଆମର ମତରେ, ଏହାକୁ ଖଣ୍ଡ(b) ସହିତ ସମନ୍ୱୟରେ ପଢ଼ିବାକୁ ପଡ଼ିବ ଏବଂ ତେଣୁ ଏହାକୁ ପଢ଼ିବା ସମୟରେ, ଆମର ମତ ହେଉଛି ଯେ, ଖଣ୍ଡ(c) ବରିଷ୍ଠତା ବ୍ୟତୀତ ଅନ୍ୟାନ୍ୟ ବିଷୟଗୁଡ଼ିକ ସହିତ ଜଡ଼ିତ, ଉଦାହରଣ ସ୍ୱରୂପ ଅବସରକାଳୀନ ସୁବିଧା ଇତ୍ୟାଦି । ତଥାପି, ବରିଷ୍ଠତା ସମ୍ପର୍କରେ, ଖଣ୍ଡ(b) ରେ ସ୍ପଷ୍ଟ ନିୟମ ରଖାଯାଇଛି ଅର୍ଥାତ ଯଦି ଜଣେ ଶିକ୍ଷକ ମହାବିଦ୍ୟାଳୟ/ ପ୍ରତିଷ୍ଠାରୁ ଅନ୍ୟ ମହାବିଦ୍ୟାଳୟ/ପ୍ରତିଷ୍ଠାକୁ ସ୍ୱେଚ୍ଛାକୃତ ସ୍ଥାନାନ୍ତର ଚାହାଁନ୍ତି, ତେବେ ସ୍ଥାନାନ୍ତରିତ ଶିକ୍ଷକଙ୍କୁ ବରିଷ୍ଠତା ତାଲିକାର ନିମ୍ନରେ ରଖାଯିବ । ନିୟମ- 61(2)(b) କରିବାର କାରଣ ସ୍ପଷ୍ଟ ଅଟେ । ଯେତେବେଳେ ଜଣେ ଶିକ୍ଷକ ଗୋଟିଏ ମହାବିଦ୍ୟାଳୟରୁ ଅନ୍ୟ ମହାବିଦ୍ୟାଳୟକୁ ସ୍ୱେଚ୍ଛାକୃତ ସ୍ଥାନାନ୍ତର ପାଇଁ ଆବେଦନ କରନ୍ତି, ତେବେ ଯଦି ନୂତନ ମହାବିଦ୍ୟାଳୟରେ ପୁରୁଣା ମହାବିଦ୍ୟାଳୟରେ ତାଙ୍କର ବରିଷ୍ଠତା ବଜାୟ ରଖାଯାଏ, ତେବେ ସ୍ଥାନାନ୍ତରିତ ମହାବିଦ୍ୟାଳୟର ଶିକ୍ଷକମାନଙ୍କ ମଧ୍ୟରେ ପ୍ରବଳ କ୍ରୋଧ ସୃଷ୍ଟି ହେବ । ତେବେ, ନିୟମ ବନାଯାଇଥିଲା ଯେ, ଯଦି ଜଣେ ଶିକ୍ଷକ ଗୋଟିଏ ମହାବିଦ୍ୟାଳୟରୁ ଅନ୍ୟକୁ ସ୍ୱେଚ୍ଛାକୃତ ସ୍ଥାନାନ୍ତର ପାଇଁ ଆବେଦନ କରନ୍ତି, ତେବେ ଏପରି ସ୍ଥାନାନ୍ତର କେବଳ ସ୍ଥାନାନ୍ତରିତ ଶିକ୍ଷକଙ୍କୁ ସ୍ଥାନାନ୍ତରିତ ଅନୁଷ୍ଠାନରେ ସମାନ ବର୍ଗ ଏବଂ ସଂବର୍ଗରେ କାର୍ଯ୍ୟରତ ଶିକ୍ଷକଙ୍କ ବରିଷ୍ଠତା ତାଲିକାର ତଳେ ରଖାଯାଇପାରିବ ।

10. "ସମାନ ବର୍ଗ ଏବଂ ସଂବର୍ଗ" ଶବ୍ଦଗୁଡ଼ିକ ବିଷୟରେ, ଆକ୍ଷେପିତ ରାୟରେ ଏଥିରୁ ବହୁତ କିଛି ବାହାର କରାଯାଇଛି । ତଥାପି, ଆମର ମତ ଯେ, ଆକ୍ଷେପିତ ରାୟରେ ଦିଆଯାଇଥିବା ବ୍ୟାଖ୍ୟା ସଠିକ ନୁହେଁ ।

11. ଯେହେତୁ ଉତ୍ତରଦାତା ସଂଖ୍ୟା-1 ସ୍ୱେଚ୍ଛାକୃତ ସ୍ଥାନାନ୍ତର ପାଇଁ ଆବେଦନ କରିଥିଲେ, ସ୍ପଷ୍ଟ ଭାବରେ, ତାଙ୍କୁ ସେଠାରେ ପୂର୍ବରୁ କାର୍ଯ୍ୟରତ ଅଧ୍ୟାପକମାନଙ୍କ ବରିଷ୍ଠତା ତାଲିକାର ତଳେ ରଖିବାକୁ ପଡ଼ିବ । ଏହା "ସମାନ ବର୍ଗ ଏବଂ ସଂବର୍ଗ" ଶବ୍ଦର ଅର୍ଥ ଅଟେ ।

12. ମାମଲାର ତଥ୍ୟ ଏବଂ ପରିସ୍ଥିତିଗୁଡ଼ିକ ଅନୁସାରେ, ଏହି ଅପିଲକୁ ଅନୁମତି ଦିଆଯାଏ ଏବଂ ଖଣ୍ଡପୀଠ ଏବଂ ବିଜ୍ଞ ଏକକ ବିଚାରପତିଙ୍କ ରାୟକୁ ରଦ୍ଦ କରାଯାଉଛି । ଆଜ୍ଞାଦେଶ ଆବେଦନକୁ ଖାରଜ କରାଗଲା । କୌଣସି ଆଦେଶ ନାହିଁ ।

ଆର୍.ପି. ଅପିଲ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**